pleam/ Femla.

ଓଡିଶା ସରକାର
ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ
Government of Odisha
PANCHAYATI RAJ & DRINKING WATER DEPARTMENT

ଲୋକସେବା ଭବନ, ସଚିବାଳୟ ମାର୍ଗ,
ଭୁବନେଶ୍ୱର-୭୫୧୦୦୧
Lokseva Bhawan,
Sachibalaya Marg,
Bhubaneswar-751001,
Fax-0674-2391413
e-mail: prsec.or@nic.in

**PT1-PR-RH-PMAYG-0004-2023/ 27584 /PR&DW Date: 27 /11/2024**

ପ୍ରେରକ

ଶ୍ରୀ ଏସ୍.ଏନ୍. ଗିରୀଶ, ଭା.ପ୍ର.ସେ.

କମିଶନର-ତଥା-ଶାସନ ସଚିବ

ପ୍ରାପକ

ସମସ୍ତ ଜିଲ୍ଲାପାଳ/

ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ

**ବିଷୟ: ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁର ନିମନ୍ତେ ନୂତନ ହିତାଧିକାରୀ ଚିହ୍ନଟ ସମ୍ବନ୍ଧରେ ।**

ମହାଶୟା/ମହାଶୟ,

ଆପଣମାନେ ଜାଣନ୍ତି, ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରଙ୍କ ମୁଣ୍ଡ ଉପରେ ପକ୍କା ଛାତଟିଏ ଗଢି ତୋଳି ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳୀ ଯୋଗାଇ ଦେବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପ୍ରାଥମିକତା । ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅଧୀନରେ ରାଜ୍ୟରେ ୨୮ ଲକ୍ଷ ୨୫ ହଜାର ପରିବାରଙ୍କୁ ଗୃହ ମଞ୍ଜୁର କରାଯାଇଥିବା ସ୍ଥଳେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ।

ଏହି ଯୋଜନାର ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇ ଦୁଇ ଚକିଆ ଯାନ, ଫ୍ରିଜ ଅଥବା ଲ୍ୟାଣ୍ଡଲାଇନ ଫୋନ ଥିବା ପରିବାରଙ୍କୁ ଅଯୋଗ୍ୟ ବିବେଚନା କରାଯାଉ ନାହିଁ । ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ପରିବାରର ମାସିକ ଆୟର ସୀମା ୧୦ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପରିବର୍ତ୍ତିତ ଯୋଗ୍ୟତା ମାନଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଗୃହ ମଞ୍ଜୁର ଲକ୍ଷ୍ୟରେ ସରକାର ନୂତନ ସର୍ଭେ ଆରମ୍ଭ କରିବାକୁ ଯାଉଛନ୍ତି ।

ପୂର୍ବର ସମସ୍ତ ସର୍ଭେ କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ହେଉଥିବା ସ୍ଥଳେ, ଚଳିତ ସର୍ଭେରେ ଆଶାୟୀ ପରିବାର ମଧ୍ୟ ନିଜର ସର୍ଭେ କରିପାରିବା, ଏହି ସର୍ଭେର ଏକ ପ୍ରମୁଖ ବିଶେଷତ୍ୱ । ଏହା ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କର ସର୍ଭେରୁ ବାଦ ପଡ଼ିବା ଆଶଙ୍କା ଦୂର ହୋଇ ପାରିବ ଓ ସେମାନେ ତାଲିକାଭୁକ୍ତ ହୋଇ ପାରିବେ । ଏ ସମ୍ପର୍କରେ ଜନସାଧାରଣଙ୍କୁ ତାଲିମ ଦେବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଏକ କର୍ମଶାଳା ଆୟୋଜନ କରାଯିବ । ଏହି କର୍ମଶାଳା

୧୫ କିମ୍ବା ୧୫ରୁ କମ ସଂଖ୍ୟକ ଗ୍ରାମ ପାଞ୍ଚାୟତ ଥିବା ବ୍ଲକରେ ତା ୦୨.୧୨.୨୦୨୪ ରିଖରେ, ୧୬ ରୁ ୨୫ ସଂଖ୍ୟକ ଗ୍ରାମ ପାଞ୍ଚାୟତ ଥିବା ବ୍ଲକରେ ତା ୦୨.୧୨.୨୦୨୪ ରିଖ ଓ ତା ୦୩.୧୨.୨୦୨୪ ରିଖରେ ଏବଂ ୨୫ରୁ ଉର୍ଦ୍ଧ୍ୱ ସଂଖ୍ୟକ ଗ୍ରାମ ପାଞ୍ଚାୟତ ଥିବା ବ୍ଲକରେ ତା ୦୨.୧୨.୨୦୨୪ ରିଖ, ତା ୦୩.୧୨.୨୦୨୪ ରିଖ ଓ ତା ୦୪.୧୨.୨୦୨୪ ରିଖରେ ଆୟୋଜିତ ହେବ । ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ମଶାଳାର କାର୍ଯ୍ୟ ନିର୍ଘଣ୍ଟକୁ ବହୁଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଅବଗତ କରାଇବେ ।

ଏହି କର୍ମଶାଳାରେ ହିତାଧିକାରୀଙ୍କୁ ନିଜ ଦ୍ୱାରା ସର୍ଭେ କରିବାର ପ୍ରଣାଳୀ ବୁଝାଇବା ସହିତ ସର୍ଭେ ସମୟରେ ଆବଶ୍ୟକ ହେଉଥିବା ପରିବାର ସଦସ୍ୟଙ୍କ ଆଧାର, ଜବ କାର୍ଡ, ବ୍ୟାଙ୍କ ଜମା ଖାତା ବିବରଣୀ ଇତ୍ୟାଦି ସଂକ୍ରାନ୍ତୀୟ ତଥ୍ୟକୁ ପ୍ରସ୍ତୁତ ରଖିବା ପାଇଁ ଜଣାଇ ଦିଆଯିବ ।

ବ୍ଲକ ସ୍ତରୀୟ କର୍ମଚାରୀଙ୍କୁ ସର୍ଭେ ପ୍ରକ୍ରିୟା ବାବଦରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ତା. ୧୮.୧୧.୨୦୨୪ ରିଖରେ ତାଲିମ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଗ୍ରାମର ସର୍ଭେ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସର୍ଭେର ସଠିକତା ପାଇଁ ଗ୍ରାମ ପାଇଁ ଉଦ୍ଦିଷ୍ଟ ଥିବା ସମ୍ପୃକ୍ତ ବ୍ଲକ କର୍ମଚାରୀ ଉତ୍ତରଦାୟୀ ରହିବେ।

ବ୍ଲକ କର୍ମଚାରୀ ଗ୍ରାମର ପ୍ରତ୍ୟେକ ସାହିକୁ ଗସ୍ତ କରି ଗୃହହୀନ ଏବଂ କଚ୍ଚା ଘରେ ରହୁଥିବା ସମସ୍ତ ପରିବାରଙ୍କୁ ସର୍ଭେରେ ଅନ୍ତର୍ଭୁକ୍ତ କରିବେ । ସର୍ଭେ ସମୟରେ ନିଜକୁ ଯୋଗ୍ୟ ମନେ କରୁଥିବା ସମସ୍ତ ପରିବାରଙ୍କୁ ତାଲିକାଭୁକ୍ତ କରାଯିବ । ଯାଞ୍ଚ ସମୟରେ ଅଯୋଗ୍ୟ ପରିବାରଙ୍କୁ ବାଦ ଦେଇ କେବଳ ଯୋଗ୍ୟ ପରିବାରଙ୍କୁ ତାଲିକାଭୁକ୍ତ କରାଯିବ ।

ପୂର୍ବ ଏକାନ୍ନବର୍ତ୍ତୀ ପରିବାରର ସଦସ୍ୟମାନେ ପୃଥକ ଭାବରେ ବସବାସ କରୁଥିଲେ ସେମାନଙ୍କୁ ଏହି ସର୍ଭେରେ ଭିନ୍ନ ପରିବାର ହିସାବରେ ଗଣନା କରାଯାଇ ସର୍ଭେରେ ଅନ୍ତର୍ଭୁକ୍ତ କରାଯିବ । ଯୋଗ୍ୟ ଭିନ୍ନକ୍ଷମ ସଦସ୍ୟ, ତୃତୀୟ ଲିଙ୍ଗୀ, ବିଧବା, ନିରାଶ୍ରୟ ଏବଂ ମୁକ୍ତ ଗୋତି ଶ୍ରମିକ ପରିବାରଙ୍କ କ୍ଷେତ୍ରରେ ସେମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱତନ୍ତ୍ର ଧ୍ୟାନ ଦେବେ ।

କ୍ଷେତ୍ର କର୍ମଚାରୀ ସର୍ଭେ ସମୟରେ ପରିବାରର ସମସ୍ତ ସଦସ୍ୟଙ୍କର ବୟସ, ବୃତ୍ତି, ଶିକ୍ଷାଗତ ଯୋଗ୍ୟତା, ଆଧାର ନମ୍ବର, ଜବ କାର୍ଡ ନମ୍ବର, ରୋଜଗାର ଇତ୍ୟାଦି ସଂକ୍ରାନ୍ତୀୟ ତଥ୍ୟ ପୂରଣ କରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ମାର୍ଗଦର୍ଶିକାରେ ଉଲ୍ଲେଖ ଥିବା ଅଯୋଗ୍ୟତା କାରଣ ବାବଦରେ ପରିବାର ମୁଖ୍ୟଙ୍କଠାରୁ ତଥ୍ୟ ସଂଗ୍ରହ କରି ଆବାସ ଆପ୍ ରେ ଉଲ୍ଲେଖ କରିବେ ।

ପରିବାରର ମହିଳା ମୁଖ୍ୟ ହିଁ କେବଳ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ହିତାଧିକାରୀ ଭାବେ ପରିଗଣିତ ହେବେ । ଯେଉଁ ପରିବାରରେ ପ୍ରାପ୍ତବୟସ୍କା ମହିଳା ସଦସ୍ୟା ନ ଥିବେ ସେହି ପରିବାର ପାଇଁ ହିତାଧିକାରୀ ଚୟନ ସମ୍ପର୍କରେ ବ୍ଲକ କର୍ମଚାରୀ ସଦସ୍ୟମାନଙ୍କ ସହ ଆଲୋଚନା ମୁତାବକ ନିଷ୍ପତ୍ତି ନେବେ ।

ସର୍ଭେ ସମୟରେ ହିତାଧିକାରୀଙ୍କ ମୁହଁ ଓ ଆଖି-ଡୋଳାର ଫଟୋ ଆୱାସ ଆପ ଜରିଆରେ ଉଠାଯିବ । ପରବର୍ତ୍ତୀ ସମୟରେ ଏହି ଉଠାଯାଇଥିବା ଫଟୋ ସହିତ ହିତାଧିକାରୀଙ୍କ ଆଧାର ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଯାନ୍ତ୍ରିକ ପଦ୍ଧତିରେ ମେଳ କରାଯିବ ।

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧିନରେ ମଜବୁତ ତଥା ବାତ୍ୟା/ ବନ୍ୟା ଭଳି ଦୁର୍ବିପାକକୁ ମୁକାବିଲା କରିପାରୁଥିବା ଘର ନିର୍ମାଣ ପାଇଁ ସରକାର ଅନେକ କିସମର ଗୃହର ନକ୍ସା ପ୍ରସ୍ତୁତ କରିଛନ୍ତି । ବ୍ଲକ କର୍ମଚାରୀ ସର୍ଭେ ସମୟରେ ହିତାଧିକାରୀଙ୍କୁ ଏହି ସମସ୍ତ ନକ୍ସା ପ୍ରଦର୍ଶନ କରାଇ ଏଥି ମଧ୍ୟରୁ ନିଜର ପସନ୍ଦ ମୁତାବକ ଗୃହର ନକ୍ସା ଚୟନ କରିବାକୁ ଜଣାଇବେ । ଗୃହ ନିର୍ମାଣ ହେବାକୁ ଥିବା ଖାଲି ଜାଗାର ଫଟୋ ଉଠାଇ ସେହି ଜାଗାରେ ହିତାଧିକାରୀ ବାଛି ଥିବା ଘର ନକ୍ସାଟି ବାସ୍ତବରେ କିପରି ଦେଖାଯିବ ତାହା ତାଙ୍କୁ ପ୍ରଦର୍ଶନ କରାଇବେ ।

ହିତାଧିକାରୀ ଭୂମିହୀନ ହୋଇଥିଲେ ଏହାର ତଥ୍ୟ ମୋବାଇଲ୍ ଆପ୍ ରେ ଉଲ୍ଲେଖ କରାଯିବ । ଯଦି ହିତାଧିକାରୀ ରାଜମିସ୍ତ୍ରୀ ତାଲିମ ନିମନ୍ତେ ଆଗ୍ରହ ପ୍ରକାଶ କରନ୍ତି ତେବେ ଏହା ମଧ୍ୟ ମୋବାଇଲ ଆପ ରେ କ୍ଷେତ୍ର କର୍ମଚାରୀ ଉଲ୍ଲେଖ କରିବେ ।

ସର୍ଭେ ଆରମ୍ଭ ହେବାର ଏକ ମାସ ପରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଓ ହିତାଧିକାରୀଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବା ପରିବାରଙ୍କ ନାମକୁ ଗ୍ରାମୱାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶନ କରାଯିବ । ପୁନର୍ବାର ୧୫ ଦିନ ବ୍ୟବଧାନ ପରେ ନୂତନ ଚିହ୍ନଟ ହୋଇଥିବା ପରିବାରଙ୍କ ତାଲିକା ପ୍ରଦର୍ଶନ କରାଯିବ । ଏହା ଦ୍ୱାରା ତାଲିକାଭୁକ୍ତ ହୋଇଥିବା ପରିବାରଙ୍କ ସମ୍ପର୍କରେ ଗ୍ରାମବାସୀ ସୂଚନା ପାଇବା ସହିତ ବଳକା ରହିଯାଇଥିବା ଯୋଗ୍ୟ ହିତାଧିକାରୀ ନିଜ ଦ୍ୱାରା ଅଥବା ବ୍ଲକ ଅଧିକାରୀଙ୍କ ଦ୍ୱାରା ସର୍ଭେ ତାଲିକାଭୁକ୍ତ ହେବା ପାଇଁ ସୁଯୋଗ ପାଇ ପାରିବେ।

ସର୍ଭେ ଶେଷ ହେବା ପରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ତଥା ହିତାଧିକାରୀଙ୍କ ଦ୍ୱାରା ପଞ୍ଜୀକୃତ ହେଇଥିବା ସମସ୍ତ ପରିବାରଙ୍କର ତାଲିକାକୁ ଗ୍ରାମ ପଞ୍ଚାୟତ

କାର୍ଯାଳୟ, ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ ଓ ଗ୍ରାମର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଯିବ । କୌଣସି ଅଯୋଗ୍ୟ ବ୍ୟକ୍ତି ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ, ଜନସାଧାରଣଙ୍କର ଆପତ୍ତି ଦରଖାସ୍ତ ନିମ୍ନ ଉପାୟରେ ଗ୍ରହଣ କରାଯିବ ।

୧. ପଞ୍ଚାୟତ ଓ ବ୍ଲକ କାର୍ଯାଳୟରେ ଅଭିଯୋଗ ବାକ୍ସରେ ଦାଖଲ କରି

୨. ଟୋଲ ଫ୍ରୀ ନମ୍ବରକୁ ଫୋନ କରି

୩. RH portal ରେ ଆପତ୍ତି ପଞ୍ଜୀକୃତ କରାଇ

ପ୍ରାପ୍ତ ଆପତ୍ତି ଦରଖାସ୍ତକୁ ବ୍ଲକସ୍ତରୀୟ ୩ ଜଣିଆ ଦଳ ମାଧ୍ୟମରେ ସରଜମିନ ତଦନ୍ତ କରାଯିବ । ତଦନ୍ତ ପରେ ଉଭୟ ଯୋଗ୍ୟ ଏବଂ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ଗ୍ରାମସଭାର ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ।

ସର୍ଭେ ଆରମ୍ଭ ହେବାର ଦିବସକୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ । ସର୍ଭେ ଆରମ୍ଭ ଦିନଠାରୁ ୨ ମାସ ମଧ୍ୟରେ କାର୍ଯ୍ୟ ପ୍ରକ୍ରିୟା ଶେଷ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦକ୍ଷେପ ନେବେ । ଜିଲ୍ଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ନିଜେ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଏହି ସର୍ଭେକୁ ତଦାରଖ କରିବେ, ଯେପରିକି କୌଣସି ଯୋଗ୍ୟ ପରିବାର ସର୍ଭେରୁ ବାଦ ପଡ଼ିବେ ନାହିଁ।

ସର୍ଭେ ପ୍ରଣାଳୀର ନକଲ ଏଥି ସହ ସଂଲଗ୍ନ କରାଯାଇ ଧାର୍ଯ୍ୟ ସମୟସୀମା ମଧ୍ୟରେ ସଠିକ ଭାବରେ ସର୍ଭେ ପରିଚାଳନା କରିବା ପାଇଁ ଅନୁରୋଧ ।

ଆପଣଙ୍କ ବିଶ୍ୱସ୍ତ,

(ସ୍ୱାକ୍ଷରିତ) ୨୭.୧୧.୨୪

କମିଶନର-ତଥା-ଶାସନ ସଚିବ

[ପରିଶିଷ୍ଟ ସହିତ]

**ଯୋଗାଯୋଗ ନକଲ : (ଅବଗତି ତଥା ପଦକ୍ଷେପ ନିମନ୍ତେ)**

୧. ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ

୨. dsrhpr@gmail.com

# ଆୱାସ ପ୍ଲସ୍ -୨୦୨୪

# ସର୍ଭେ ପ୍ରଣାଳୀ

# ସାଇନ୍ ଅପ୍ / ଲଗଇନ୍


AwaasPlus 2024
Assisted Survey
Self Survey
Aadhaar Number
Aadhaar Number
AUTHENTICATE
RESET


AwaasPlus 2024
Assisted Survey
Self Survey
Aadhaar Number
959985537153
AUTHENTICATE
RESET
1 2 3 –
4 5 6
7 8 9
, 0 .


Aadhaar Auth
v1.1.0
AADHAAR
Please Blink to Capture
v1.1.0 p


AwaasPlus 2024
eKYC Successful !!
Chahat Chopra D/O: Sanjay Chopra
Aadhaar No. : xxxxxxxx7153
Gender : F D.O.B : 23-07-1995
OK


AwaasPlus 2024 v2.0.4
NIC
PMAY-G
AwaasPlus 2024
Create PIN
Confirm PIN
CREATE PIN
RESET


AwaasPlus 2024 v2.0.4
NIC
PMAY-G
AwaasPlus 2024
Enter Pin
LOGIN
RESET

# ଡ୍ୟାସବୋର୍ଡ



11:35
27%
AwaasPlus 2024 v2.0.4
NIC
Angul / Angul / Angarbandha [404281]
Add / Edit Survey
Upload Saved Survey Data

# ବ୍ଲକ, ପଞ୍ଚାୟତ ଏବଂ ଗ୍ରାମ ଚୟନ






# ପରିବାର ମୁଖ୍ୟଙ୍କ ବିବରଣୀ









# ପରିବାର ସଦସ୍ୟଙ୍କ ବିବରଣୀ









# ହିତାଧିକାରୀଙ୍କ ଇ-ପରିଚୟ(e-KYC)











Aadhaar Auth
v1.1.0
AADHAAR
Images captured successfully Processing...
v1.1.0 p




AwaasPlus 2024 v2.0.4
NIC
Select Beneficiary
Sachin Kumar (Head)
Male 32
85** **** 3738
Sanjay (Brother)
Male 30
31** **** 8336
Loading Data
Cancel
Proceed




AwaasPlus 2024 v2.0.4
NIC
Select Beneficiary
Sachin Kumar (Head)
Male 32
85** **** 3738
eKYC Successful !!
Sanjay S/O Shri Vijay Singh
Aadhaar No. : xxxxxxxx8336
Gender : M D.O.B : 02-04-1994
OK
Cancel
Proceed

# ଜମା ଖାତା ବିବରଣୀ(ବାଧ୍ୟତାମୂଳକ ନୁହେଁ)



# ଗୃହ ସମ୍ବନ୍ଧୀୟ ତଥ୍ୟ






# ପୁରୁଣା ଘର ଓ ନିର୍ମାଣ ସ୍ଥଳର ଫଟୋ






# ରାଜ ମିସ୍ତ୍ରୀ ତାଲିମ ଏବଂ ଗୃହର ନମୁନା ଚୟନ



# ସର୍ଭେ ତଥ୍ୟ ଦେଖ୍ ସମ୍ମତି ପ୍ରଦାନ












# ତଥ୍ୟ ସଂରକ୍ଷଣ


AwaasPlus 2024 v2.0.4
NIC
Survey Preview
Beneficiary Preferences
Beneficiary wants to get enrolled in Mason Training?
Yes
Success
Record Saved in Database
OK
Declaration
I hereby confirm that the information provided above is correct to the best of my knowledge and belief. I understand that providing false or inaccurate information may result in legal action.
Cancel
Proceed

# ସରଂକ୍ଷିତ ତଥ୍ୟ ଅପଲୋଡ୍









# ଏଆଇ(AI) ମଡେଲ୍ ବୈଧତା ଏବଂ ତଥ୍ୟ ଅପଲୋଡ୍












ସର୍ଭେ ପ୍ରଣାଳୀ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।